## ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ ସମ୍ବନ୍ଧୀୟ ନିୟମାବଳି (ଏଚ୍.ଆଇ.ଏସ୍)
## ହସ୍ତତନ୍ତ ବୁଣକାର ମଙ୍ଗଳମୟ ଯୋଜନାମାନଙ୍କ ମଧ୍ୟରୁ ଏହା ଏକ ଅଂଶ ବିଶେଷ:

**ଉପକ୍ରମ :**

ହସ୍ତତନ୍ତ ବୁଣାକାରମାନଙ୍କର କଲ୍ୟାଣପାଇଁ ଭାରତ ସରକାର ୧୯୯୨-୯୩ ମସିହାରୁ ସ୍ୱାସ୍ଥ୍ୟଗତ ଯୋଜନା ପ୍ରଣୟନ କରିଆସୁଅଛନ୍ତି । ସ୍ୱାସ୍ଥ୍ୟ ବୀମା ଯୋଜନା ଭାରତ ସରକାରଙ୍କ ଦ୍ୱାରା ସନ ୨୦୦୫-୦୬ରେ ପ୍ରଣୟନ କରାଯାଇଥିଲା, ଆଇ.ସିଆଇ ଲମ୍ବାର୍ଡ ଜେନେରାଲ କମ୍ପାନି ଲିଃ. ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାଟି ବର୍ତ୍ତମାନ ପରିବର୍ତ୍ତନ କରାଯାଇ ୨୦୦୭-୦୮ ଏବଂ ୨୦୦-୮-୦୯ରେ ପ୍ରଣୟନ କରାଯାଇଅଛି । ଏହି ଯୋଜନାର ଉଦ୍ଦେଶ୍ୟ ଏବଂ ଉପାଦେୟତା ନିମ୍ନମତେ ବର୍ଣ୍ଣନା କରାଯାଇଅଛି ।

**୧. ଉଦ୍ଦେଶ୍ୟ:** ଯୋଜନାର ମୂଳ ଲକ୍ଷ୍ୟ ହେଲା ବୁଣାକାର ସମ୍ପ୍ରଦାୟକୁ ଆର୍ଥିକ ଦୃଷ୍ଟିରୁ ସାହାର୍ଯ୍ୟ କରାଇ ଦେଶ ଭିତରେ ମହଜୁଦ ଥିବା ବଢିଆ ସୁସ୍ଥ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା । ଏହି ଯୋଜନା ବୁଣାକାର ଓ ତାହାର ସ୍ତ୍ରୀ ଏବଂ ଦୁଇଜଣ ପିଲାଙ୍କ ସ୍ୱାସ୍ଥ୍ୟ ବ୍ୟବସ୍ଥା ଯୋଗାଇ ଦେବା ସହିତ ସେମାନଙ୍କର ଆଗରୁଥିବା ରୋଗ ଓ ପରେ ସୃଷ୍ଟି ହୋଇଥିବା ରୋଗ ଭଲ କରିବାରେ ସୁଯୋଗ ମିଳିଥାଏ । ସର୍ବଶେଷରେ ଯେଉଁମାନେ ଆଂଶିକଭାବେ ବୁଣାକାମରେ ଜଡିତ ଯଥା ଟାଣି ପ୍ରସ୍ତୁତ ରଙ୍ଗ କରିବା, ପ୍ରିଣ୍ଟ କରିବା, ମଣ୍ଡ କରିବା, ଜାକାର୍ଡ କିମ୍ବା ଏହି କାମରେ ନିୟୋଜିତଥିବା ବ୍ୟକ୍ତି ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ ।

**୨. ପ୍ରମୁଖ ଉପାଦେୟତା :**

**୨.୧ - ନିର୍ଦ୍ଧାରଣ ନମୁନା :**

(କ) ଭାରତ ସରକାରଙ୍କର ଅଂଶଦାନ : ବାର୍ଷିକ ୭୪୨.୪୭ (ପ୍ରିମିୟମ ବାବଦକୁ ଟ୬୫୬.୫୦ପ.) ସେବା କର ବାବଦକୁ ଟ୮୫.୯୭ପ.)

(ଖ) ରାଜ୍ୟସରକାର/ହସ୍ତତନ୍ତ ବୁଣାକାରଙ୍କ ଦ୍ୱାରା ଅଂଶଦାନ : ୧୩୯.୧୩ପ. ବାର୍ଷିକ

ଯେଉଁ ରାଜ୍ୟରେ ନିଜେ ରାଜ୍ୟ ସରକାର ଅନୁଦାନ ଦେବେ ସେ ପରିସ୍ଥିତିରେ ବୁଣାକାର ମାତ୍ର ଟ.୫୦ ଅଂଶଦାନ ଦେବ ।

(ଗ) ମୋଟ ପ୍ରିମିୟମ : ଟ.୭୮୫.୫୦ପ. ବାର୍ଷିକ (ସେବାକର ସହିତ)

**୨.୨ଧନ ପ୍ରାପ୍ତି ବିବରଣ :** ଭାରତ ସରକାରଙ୍କର ଦେୟ ବୀମା ବାବଦକୁ ରାଶି ସିଧା ସଳଖ ଆଇ.ସି.ଆଇ.ସି. ସି.ଆଇ ଲମ୍ବାର୍ଡଙ୍କୁ କିସ୍ତି ମାଧ୍ୟମରେ ଦିଆଯାଇଥାଏ । ଯେତେଜଣ ବୁଣାକାର ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥାନ୍ତି ତାହାର ୩୦ ପ୍ରତିଶତ ଏବଂ ସେବା କର ସହ ଏହି କମ୍ପାନୀକୁ ଭାରତସରକାର ଦେଇଥାଆନ୍ତି । ଯଦି କୌଣସି ସମୟରେ ଉପରୋକ୍ତ ବୀମାରାଶିର ୬୬ ପ୍ରତିଶତରୁ ଅଧିକ ରାଶି ବୁଣାକାରମାନଙ୍କର ପଞ୍ଜିକୃତ ପାଇଁ ଖର୍ଚ୍ଚ ହୋଇଥାଏ, କମ୍ପାନୀ ତାହାର ଏକ ଅଗ୍ରଗତି ତାଲିକା ସହିତ ଖର୍ଚ୍ଚ ବିବରଣୀ ମାଧ୍ୟମରେ ଡେଭ୍‌ଲୋପ୍‌ମେଣ୍ଟ କମିଶନ(ହସ୍ତତନ୍ତ)କୁ ଜଣାଇ ଥାଆନ୍ତି । ଏହାପରେ

ରାଜ୍ୟସରକାରଠାରୁ ଏ ବାବଦରେ ପଇଠ ରାଶିର ପ୍ରମାଣ ପତ୍ର ପାଇବାପରେ ବାକି ୩୦ ଶତକଡା କିସ୍ତି ବାବଦ ରାଶି ଡେଭ୍‌ଲୋପମେଣ୍ଟ କମିଶନର ବିହିତ ପଦକ୍ଷେପ ନିଅନ୍ତି । ସେହିପରି ସମାନ ଅନୁପାତରେ ବୀମାରାଶିର ୯୦ ପ୍ରତିଶତ ହେବା ପର୍ଯ୍ୟନ୍ତ ନିୟମ ଅନୁସରଣ କରାଯାଇଥାଏ । ଏହି ୯୦ ପ୍ରତିଶତ ବୀମା ରାଶିର ଉପଯୋଗିତା ପ୍ରମାଣପତ୍ର ପାଇବାପରେ ଆଉ ୧୦ ପ୍ରତିଶତ ରାଶି ଦିଆଯାଇଥାଏ ।

୨. ନିୟମାନୁଯାୟୀ ବାର୍ଷିକ ବିମାରାଶି ଟ.୬୯୫.୬୩ ପ. ଉପରେ ସେବାକର ଭାରତ ସରକାର ବହନ କରିଥାଆନ୍ତି ।

୩. ଯଦି ବୀମା ପୈଠ କରାଯାଇଛି ଅଥବା କାର୍ଯ୍ୟଧାରା ଅଗ୍ରଗତି ହୋଇଛି ଏବଂ ତାହା ବାର୍ଷିକ ଅନୁମୋଦିତ ରାଶିର ୭୦ ପ୍ରତିଶତରୁ କମ୍‌ଥିଲେ (ଆ.ବି.ଆର ଓ ଟି.ପି.ଏ କୁ ମିଶାଇ) ତେବେ ଆଇ.ସି.ଆଇ ଲୋମ୍ବାର୍ଡ ବଳକାରାଶୀ ପରବର୍ତ୍ତୀ ବୀମା ଅବଧିକୁ ନେଇଥାଏ ।

**୩. ପ୍ରଣୟନକାରୀ ସଂସ୍ଥା :** ଏହି ଯୋଜନାର ପ୍ରଣୟନକାରୀ ସଂସ୍ଥା ହେଲେ ଡେଭ୍‌ଲୋପମେଣ୍ଟ କମିଶନର (ହସ୍ତତନ୍ତ), ଯାହାକି ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ଜେନେରାଲ ବୀମା କମ୍ପାନୀ ଲିଃ ମାଧ୍ୟମରେ ହିଁ କରାଇବେ । ରାଜ୍ୟ ହସ୍ତତନ୍ତ ବିଭାଗ, ରାଜ୍ୟ ଶିଳ୍ପ ବିଭାଗ ଓ ଅନ୍ୟାନ୍ୟ ଭାରପ୍ରାପ୍ତ ଅଧିକାରୀମାନେ ହିଁ ଏହାର ଗୁରୁଦାୟିତ୍ୱ ନେବେ, ଏହା କିପରି ସୁଚାରୁରୂପେ ନିଜନିଜ ରାଜ୍ୟରେ ପରିଚାଳିତ ଓ ପ୍ରଣୟନ ହେବ ତାହା ରାଜ୍ୟ ସରକାର ଦେଖିବେ।

**୪. ଯୋଗ୍ୟତା ସମ୍ବନ୍ଧୀୟ :** ଏହି ସ୍ୱାସ୍ଥ୍ୟଗତ ବୀମା ଯୋଜନାକୁ ଯେ କୌଣସି ବୁଣାକାର, ସେ ସମ୍ପୂର୍ଣ୍ଣ ବା ଆଂଶିକ ବୁଣାକାର ଯଥା (ସୂତା ରଙ୍ଗ କରାଳି, ଟାଣି ଓ ବଣାବୁଣିରେ ସାହାର୍ଯ୍ୟ କରୁଥିବା, ସମିତିରେ କାମ କରୁଥିବା, ଜାଲା ଓ ଜାକାର୍ଡ ବନାଉଥିବା ଇତ୍ୟାଦି) ମାନେ ହିଁ ଏହାର ଫାଇଦା ଉଠାଇ ପାରିବେ । ସେଥିପାଇଁ ନିମ୍ନ ଲିଖିତ ସର୍ତ୍ତମାନ ପୂରଣ କରୁଥିବେ।

- ☐ ବୁଣାକାର ଅତିକମ୍‌ରେ ନିଜର ୫୦ ଶତକଡା ରୋଜଗାର ଲୁଗାବୁଣା କାମରୁ ହିଁ ରୋଜଗାର କରୁଥିବେ ।
- ☐ ଏଥିରେ ଉଭୟ ପୁରୁଷ ଓ ମହିଳା ବୁଣାକାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଅଛି । ବୁଣାକାର ସହ ତାହାର ସହଧର୍ମିଣୀଙ୍କ ସହିତ ଦୁଇଟି ପିଲାଙ୍କୁ ମଧ ଅନ୍ତର୍ଭୁକ୍ତ କରାଯାଇଅଛି । ୧ ଦିନ ଜନ୍ମ ହୋଇଥିବା ପିଲାଠାରୁ ଆରମ୍ଭ କରି ୮୦ ବର୍ଷ ବୁଢାମାନଙ୍କୁ ମଧ ଏହି ଯୋଜନାରେ ଗ୍ରହଣ କରାଯାଇଅଛି ।
- ☐ ବିଭିନ୍ନ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶକମାନ ଓ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡଙ୍କ ଦାୟିତ୍ୱ ଯେ କିପରି ଏହି ଯୋଜନାରେ ଅଧିକରୁ ଅଧିକ ମହିଳା ଅନ୍ତର୍ଭୁକ୍ତ ହୋଇପାରିବେ । ଏହା ସହିତ ଉତ୍ତରପୂର୍ବ ରାଜ୍ୟ ଯଥା - ନାଗାଲାଣ୍ଡ, ମିଜୋରମ, ମଣିପୁର, ମେଘାଳୟ ଓ ସିକିମ୍ ଆଦି ରାଜ୍ୟମାନଙ୍କରେ ଅଧିକାରୁ ଅଧିକ ମାତ୍ରାରେ ଏହି ଯୋଜନା ପ୍ରଣୟନ ହୋଇପାରିବ ।
- ☐ ରାଜ୍ୟ ଶୀର୍ଷ ସମବାୟ ସମିତି, ରାଜ୍ୟ ହସ୍ତତନ୍ତ ନିଗମ ଏବଂ ବିଭିନ୍ନ ହସ୍ତତନ୍ତ ସମବାୟ ସମିତିର ବୁଣାକାରମାନେ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବେ । ଏହି ସମବାୟ ସମିତି ମାନଙ୍କର ବାହାରେ କାମକରୁଥିବା ବୁଣାକାରମାନେ ମଧ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିବ, ମାତ୍ର

ସେମାନଙ୍କୁ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ତରଫରୁ ଏକ ପ୍ରମାଣ ପତ୍ର ନେବାକୁ ପଡିବ ଯେ ସେମାନେ ସବୁପ୍ରକାର ଯୋଗ୍ୟତା ସର୍ତ୍ତ ପାଳନ କରୁଛନ୍ତି ।

☐ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ପଦୋଧିକାରୀଙ୍କର ଦାୟିତ୍ୱ ଯେ ସେ କିପରି ହିତାଧିକାରୀମାନଙ୍କର ଯୋଗ୍ୟତା ନିରୁପଣ କରିବା, ଯେ କୌଣସି ସମ୍ପୁର୍ଣ୍ଣ ବା ଆଂଶିକ ବୁଣାକାର ହୋଇଥାଆନ୍ତୁ ନା କାହିଁକି ।

**୫. ବୀମାକୃତରାଶି :** ଭାରତର ଯେ କୌଣସି ଡାକ୍ତରଖାନାରେ ଚିକିତ୍ସା କରାଯାଇ ପାରିବ । ଚିକିତ୍ସା ବାବଦକୁ ଖର୍ଚ୍ଚ ହୋଇଥିବା ରାଶି ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ହିଁ ପରିଶୋଧ କରିବେ ଯାହାକି ଏହା ବୀମା ନିୟମ ଓ ଅଧିନିୟମ ଅନୁଯାୟୀ ହୋଇଥିବା ଦରକାର ।

**୬. ଶୂନ୍ୟ ରାଶି ସୁବିଧା :** ଆଇ.ସି.ଆଇ ଲମ୍ବାର୍ଡଙ୍କ ଦ୍ୱାରା ପଞ୍ଜିକୃତ କେତେକ ତାଲିକାଭୁକ୍ତ ଚିକିତ୍ସାଳୟରେ ମଧ ଶୂନ୍ୟ ରାଶି ସୁବିଧାକୁ ଉପଲବ୍ଧ କରାଇ ନିଜର ଯୋଗ୍ୟତା ରାଶି ପର୍ଯ୍ୟନ୍ତ କାର୍ଡ ଦେଖାଇ ଭାରତର ଯେ କୌଣସି ସ୍ଥାନରେ ଚିକିତ୍ସିତ ହୋଇପାରିବେ । ଏହି ସୁବିଧା ବଳରେ ତାଲିକାଭୁକ୍ତ ଯେକୌଣସି ଚିକିତ୍ସାଳୟର ମାଗଣାର ଚିକିତ୍ସିତ ହୋଇପାରିବ । ଯଦି କୌଣସି ରୋଗି ତାଲିକାଭୁକ୍ତ ହୋଇ ନଥିବା ଡାକ୍ତର କିମ୍ବା ଚିକିତ୍ସାଳୟରେ ଚିକିତ୍ସା ହେଉଥାଆନ୍ତି, ତାହାଲେ ସେ ମଧ ତାଙ୍କର ପ୍ରକୃତ ଖର୍ଚ୍ଚ ହୋଇଥିବା ରାଶିର ପ୍ରେସକ୍ରୁସନ ଏବଂ କାଗଜପତ୍ର ଆଇ.ସି.ଆଇ. ଲମ୍ବାର୍ଡଙ୍କ ପାଖରେ ଦାଖଲ କରାଇ ୧୫ ଦିନଭିତରେ ଅଗ୍ରିମ ରାଶି ଫେରି ପାଇବେ ।

**୭. ସମୟ ବ୍ୟବଧାନ :**

୭.୧ ଯେଉଁଦିନ ବୀମାରାଶି ପଇଠ କରାଯାଏ ସେହିଦିନଠାରୁ ୧୨ ମାସ ପର୍ଯ୍ୟନ୍ତ ବୀମା ଲାଗୁ ରହେ ।

୭.୨ ଯେକୌଣସି ବୁଣାକାର ପରିବାର ବୀମାରାଶି ପଇଠ ହେବାର ଏକ ବର୍ଷ ପର୍ଯ୍ୟନ୍ତ ବୀମା ଯୋଜନାରୁ ଉପକୃତ ହୋଇପାରିବେ, ଏବଂ ପରବର୍ତ୍ତୀ କାଳରେ ନିଜ ବୀମାର ବାର୍ଷିକ ଅଂଶଦାନ ଦେଇ ପ୍ରତିପର୍ଷ ପୁନଃରାବୃତ୍ତି କରାଇ ପାରିବେ ।

୭.୩ ମୁଖ୍ୟବୀମାକୃତ ବ୍ୟକ୍ତି ବାର୍ଷିକ ବୀମା ପୁନଃରାବୃତ୍ତିହୋଇବା ଦରକାର । ଦ୍ୱିତୀୟ ବର୍ଷ ବେଳକୁ ଅତିକମ୍‌ରେ ୮୦ ଶତକଡା ବୀମା ବାର୍ଷିକ ପୁନଃରାବୃତ୍ତି ହେଉଥିବା ଦରକାର । ଏହା ନହେଲେ କମ୍ପାନୀ ଏହି କାର୍ଯ୍ୟରୁ ନିବୃତ୍ତ ରହିବ ।

**୮. ଉପକାରିତା / ଲାଭ :**

| | |
|---|---|
| ବାର୍ଷିକ ସୀମା ପ୍ରତି ପରିବାର ପାଇଁ(୧+୩) | ୧୫୦୦୦/- |
| ବାର୍ଷିକ ସୀମା ହାରର ଉପବିଭାଗିକରଣ - ପ୍ରତି ପରିବାର ପାଇଁ | ------- |
| ସମସ୍ତ ପୂର୍ବ ସ୍ଥିତରୋଗ ଏବଂ ନୂଆ ରୋଗ | ୧୫୦୦୦/- |
| ମାତୃତ୍ୱଲାଭଜନିତ (ଗୋଟିଏ ପିଲା ଏବଂ ପ୍ରଥମ ଦୁଇ ପିଲାଙ୍କ ପାଇଁ) | ୨୫୦୦/- |
| ଦନ୍ତ ଜନିତ ଚିକିତ୍ସା | ୨୫୦/- |
| ଚକ୍ଷୁ ଜନିତ ଚିକିତ୍ସା | ୭୫/- |
| ଚଷମା ଜନିତ ଚିକିତ୍ସା | ୨୫୦/- |
| ଆବାସିକ ଚିକିତ୍ସାଧିନ | ୪୦୦୦/- |
| ଆୟୁର୍ବେଦିକ / ଇଉନାନି/ହୋମିଓପାଥି/ସିଧା | ୪୦୦୦/- |

| | |
|---|---|
| ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସାଧିନ | ୧୫୦୦୦/- |
| ଶିଶୁମାନଙ୍କ ପାଇଁ | ୫୦୦/- |
| ଓ.ପି.ଡି. | ୭୫୦୦/- |
| ରୋଗାକ୍ରାନ୍ତ ଜନିତ ଖର୍ଚ୍ଚ ସୀମା | ୭୫୦୦/- |

**ପ୍ରତିବନ୍ଧନ :** କସ୍‌ମେଟିକ୍ ସର୍ଜରୀ, ଏଚ୍.ଆଇ.ଭି. ଏଡସ୍, ଭେନେରାଲ୍ ରୋଗ, ଉଦ୍ଧେଶ୍ୟମୂଳକ କ୍ଷତ, ନିଶାଦ୍ରବ୍ୟ ବ୍ୟବହାର ଜନିତ ରୋଗ, ଯୁଦ୍ଧ ଓ ହିଂସା, ପ୍ରତିହିଂସା ଜନିତ କ୍ଷତବିକ୍ଷତ ଏଥିରେ ଅନ୍ତର୍ଭୁକ୍ତ କରାଯାଉନାହିଁ ।

## ୯ : ପରିଚାଳନାଗତ ନିୟମାବଳୀ :

୯.୧ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟଙ୍କ ସହିତ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ମିଶି ଏହି ବୀମା ଜନିତ ଯୋଜନା ବାବଦରେ ସମସ୍ତ ବିବରଣୀ ସ୍ଥିର କରିବେ।

୯.୨ ଏହି ଯୋଜନା ଭାରତ ସରକାରଙ୍କ ଦ୍ୱାର ଚିଠି ଆଗତ ହେବାପରେ ତୁରନ୍ତ ଲାଗୁ ହୋଇଥାଏ ।

୯.୩ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଏବଂ ତାହାର ଆଞ୍ଚଳିକ ଅଧିକାରୀ ଏ ଯୋଜନାକୁ ପ୍ରଣୟନ କରିବାରେ ହେଉଛନ୍ତି ମୁଖ୍ୟ ପଦାଧିକାରୀ ।

୯.୪ ଭାରତ ସରକାରଙ୍କର ପ୍ରିମିୟମ ଜନିତ ଅଂଶଦାନ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡକୁ ସିଧାସଳଖ କିସ୍ତି ଅନୁସାରେ ଦିଆଯାଇ ଥାଏ । ପ୍ରିମିୟମ ର ୩ ଶତକଡା, ସେବା ଜନିତ ଶୁଳ୍କ ଏବଂ ମୋଟ ବୁଣାକାରଙ୍କ ର ସର୍ବମୋଟି ରାଶି ଏକକାଳୀନ ଏହି କମ୍ପାନୀକୁ ଭାରତ ସରକାର ଦେଇଥାଆନ୍ତି । ଯଦି କୌଣସି ସମୟରେ ପ୍ରିମିୟମ ରାଶିର ୬୬ ପ୍ରତିଶତ ରୁ ଅଧିକ ରାଶି ବୁଣାକାରମାନଙ୍କର ପଞ୍ଜିକୃତ ପାଇଁ ଖର୍ଚ୍ଚ ହୋଇଥାଏ, ତାହେଲେ କମ୍ପାନୀ ଏକ ଅଗ୍ରଗତି ଚିଠା ମାଧମରେ ଡେଭ୍‌ଲପ୍‌ମେଣ୍ଟ କମିଶନ (ହସ୍ତତନ୍ତ)ଙ୍କୁ ପଠାଇ ଜଣାଇଥାଆନ୍ତି ଯେ କେତେ ରାଶି ଖର୍ଚ୍ଚ ହୋଇଛି ଓ କେତେ ବୁଣାକାରଙ୍କୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଅଛି । ଏହି ଚିଠାକୁ ଦେଖିବା ପରେ, ରାଜ୍ୟ ସରକାର ପୁଣି ଏକ ପ୍ରମାଣ ପତ୍ର ଦେଇ ଥାଆନ୍ତି । ଯାହାଫଳରେ କେନ୍ଦ୍ର ସରକାର ଆଉ ୩୦ ଶତକଡା ପ୍ରିମିୟମ ରାଶି ପାଇଁ ଚିଠା ଆଗତ କରିଥାଆନ୍ତି । ଏହାର ପରବର୍ତ୍ତି ପ୍ରିମିୟମ ରାଶି ମଧ ସେହି ଅନୁପାତରେ ଦିଆଯାଇଥାଏ, ଯେତେ ପର୍ଯ୍ୟନ୍ତ ୯୦ ଶତକଡା ନ ପହଞ୍ଚିଛି । ଯେତେବେଳେ ୯୦ ଶତକଡା ରାଶିର ବିନିଯୋଗ ପ୍ରମାଣପତ୍ର ଦାଖଲ ହୋଇଥାଏ, ଆଉ ବାକି ୧୦ ଶତକଡା ରାଶି ଦିଆ ଯାଇଥାଏ।

୯.୫ ଏକ ସମ୍ଭାବ୍ୟ ହିତାକରୀ ଏହି ଯୋଜନାର ଦରଖାସ୍ତ ପୂରଣ କରି ଏବଂ ତାହାର ପ୍ରିମିୟମ ଅଂଶ ସହିତ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟରେ ମଧ ଦାଖଲ କରିପାରିବ । ଏହି ଦରଖାସ୍ତ ଫର୍ମ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଓ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି ।

୯.୬ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଏହି ଦରଖାସ୍ତକୁ ତର୍ଜମା କରିବା ପରେ, ଯଦି ଏହା ସବୁ ଦୃଷ୍ଟିରୁ ଠିକ ଥାଏ, ତାହେଲେ ପ୍ରିମିୟମ ଅଂଶ ରାଶି ଦରଖାସ୍ତକାରୀଙ୍କଠାରୁ ଗ୍ରହଣ କରିଥାଆନ୍ତି ଏବଂ ତାହାକରି ଆଇ.ସି.ଆଇ ଲମ୍ବାର୍ଡ କାର୍ଯ୍ୟାଳୟକୁ ପଠାଇଦେଇଥାଆନ୍ତି ।

୯.୭ ଏହାକୁ ଥରେ ଆଇ.ସି.ଆଇ.ସି.ଆଇ. କାର୍ଯ୍ୟାଳୟ ଦ୍ୱାରା ଗ୍ରହଣକରାଯିବା ପରେ ହିତାଧିକାରୀମାନଙ୍କର ଏକ ଚିଠା ପ୍ରସ୍ତୁତ କରି ସ୍ୱାସ୍ଥ୍ୟ ଗତ ବୀମାର କାର୍ଡ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟକୁ ପଠାଇ ଦେଇ

ଥାଆନ୍ତି । ରାଜ୍ୟ ହସ୍ତତନ୍ତ କାର୍ଯ୍ୟାଳୟ ଓ ଆଇ.ସି.ଆଇ.ସି.ଆଇ. ଥାଇ ମିଳିତଭାବେ ପ୍ରତ୍ୟେକ ହିତାଧିକାରୀଙ୍କୁ ତାଙ୍କର କାମ ବିଷୟରେ ଅବଗତ କରାଇଥାନ୍ତି ।

୯.୮ ଯଦି କୌଣସି ବୁଣାକାର ନିଜର ସମିତି / ନିଗମରୁ ଅନ୍ୟ ସମିତି / ନିଗମକୁ ସଭ୍ୟପଦ ବଦଳାଇବାକୁ ଚାହାଁନ୍ତି ତେବେ ଏ ବିଷୟରେ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟକୁ ଜଣାଇବା ନିହାତି ଦରକାର ।

୯.୯ ରାଜ୍ୟ ସରକାର, ହସ୍ତତନ୍ତ ନିଗମ, ଶୀର୍ଷ ତନ୍ତୁବାୟ ସମିତି, ପ୍ରାଥମିକ ତନ୍ତୁବାୟ ସମିତି ଏବଂ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କର ଏଥିରେ ଗୁରୁ ଦାୟିତ୍ୱ ଅଛି, ଏହି ଯୋଜନାକୁ ସାଧାରଣ ବୁଣାକାରମନାଙ୍କୁ ଅବଗତି କରାଇ ଏହାର ସଫଳ ରୂପାୟନ କରାଇବାରେ ସେମାନଙ୍କର ପ୍ରଧାନ ଭୂମିକା ରହିବା ଦରକାର ।

୯.୧୦ପ୍ରତିମାସରେ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ତରଫର ଏକ ତାଲିକା ପ୍ରସ୍ତୁତ କରାଯାଇଥାଏ ଏବଂ ଏହା ରାଜ୍ୟ ହସ୍ତତନ୍ତ କାର୍ଯ୍ୟରେ ବା ଡେଭ୍‌ଲୋପ୍‌ମେଣ୍ଟ କମିଶନର କାର୍ଯ୍ୟଳୟରେ ଜମାକରାଇ ଥାଆନ୍ତି, ଯାହାକି ଉପରୋକ୍ତ ପଦାଧିକାରୀଙ୍କ ଦସ୍ତଖତ ଦେବା ଅତ୍ୟନ୍ତ ଜରୁରୀ । ଏହାର ସତ୍ୟାସତ୍ୟ ଅନୁସାରେ ସେମାନେ ସ୍ୱାସ୍ଥ୍ୟ କାର୍ଡ ଜାରୀ କରିଥାନ୍ତି ।

୯.୧୧ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ମୋଟ କେତେଜଣ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେଲେ ଓ କେତେଜଣଙ୍କୁ ଏହାର ସୁଫଳ ମିଳିସାରିଛି ଇତ୍ୟାଦି ବିଷୟରେ ପ୍ରତିମାସର ୧୦ ତାରିଖ ସୁଦ୍ଧା ରିପୋର୍ଟ ପ୍ରସ୍ତୁତ କରି ହସ୍ତତନ୍ତ ଉନ୍ନୟନ ଆୟୁକ୍ତ, ଭାରତ ସରକାର, ବସ୍ତ୍ରମନ୍ତ୍ରାଳୟକୁ ଜଣାଇଥାନ୍ତି ।

## ୧୦ ରାଶି ପ୍ରାପ୍ୟ ପ୍ରକ୍ରୀୟା :

### କ) ଯୋଜନାବଦ୍ଧ ଚିକିତ୍ସା :

୧) ରୋଗୀ ନିଜ ଇଚ୍ଛାରେ ଯୋକୌଣସି ଚିକିତ୍ସାଳୟକୁ ଯାଇପାରିବ । କିନ୍ତୁ ସେହି ଚିକିତ୍ସାଳୟ ପ୍ରସ୍ତୁତ କରାଯାଇଥିବା ଚିଠା ମଧରେ ଥିବା ଦରକାର, ଏହି ଚିଠା ୱେବସାଇଟ୍ ରେ ମିଳିପାରିବ । ସେହି ୱେବସାଇଟ୍ ହେଲା । www.handlooms.nic.in

୨) ରୋଗୀର ନାମ/ ପଲିସି ନଂ./ କି ପ୍ରକାର ଚିକିତ୍ସା/ ଚିକିତ୍ସାଳୟର ନାମ ଆଦି ଆଇ.ସି.ଆଇ. ଲୋମ୍ବାର୍ଡ କିମ୍ବା ତାଙ୍କ ପ୍ରତିନିଧିଙ୍କୁ ପଞ୍ଜିକୃତ ଚିକିତ୍ସାଳୟ / ନର୍ସିଙ୍ଗହୋମ୍ ନେଇଥାଏ । ଆଇ.ସି.ଆଇ ଲୋମ୍ବାର୍ଡ ପ୍ରତିନିଧିମାନଙ୍କ ତାଲିକା (ଟି.ପି.ଏ) ଏବଂ ଯୋଗାଯୋଗ କରୁଥିବା ବ୍ୟକ୍ତିଙ୍କ ବିଷୟରେ ଆଇ.ସି.ଆଇ ଲୋମ୍ବାର୍ଡ ଦେଇଥାଏ ।

୩) ରାଶି ବିହୀନ ଚିକିତ୍ସା କ୍ଷେତ୍ରରେ ରୋଗିଙ୍କୁ ଏକ ଆଇ.ଡି. କାର୍ଡ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ତରଫରୁ ଦିଆଯାଇଥାଏ । ଯେଉଁଥିରେ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ର ପ୍ରତିନିଧିଙ୍କ ନାମ, ଠିକଣା ଫୋନ ନମ୍ବର ଇତ୍ୟାଦି ଥାଏ, ଯାହାକି ଅତି ସୁବିଧାରେ କାମ ହୋଇପାରିବ । ପ୍ରାଥମିକ ସ୍ତରରେ ସେହି ଚିକିତ୍ସାଳୟ ଓ ବାବଦରେ ସମସ୍ତ ବିବରଣୀ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ପ୍ରତିନିଧିଙ୍କୁ "ଫ୍ୟାକ୍ସ" କରି ଜଣାଇ ଦେଇଥାଆନ୍ତି ।

୪) ରୋଗୀ ଏଥିରେ ଚିକିତ୍ସିତ ହେବା ପରେ "ବିଲ୍"ମାନଙ୍କର ନିଜର ଦସ୍ତଖତ ଦେଇ ଚିକିତ୍ସାଳୟ ଛାଡି ପାରନ୍ତି, ଏଥିରେ କୌଣସି ପଇସା ଦେବାକୁ ପଡି ନଥାଏ ।

**ଖ) ଜରୁରୀକଳୀନ ଚିକିତ୍ସା :**

୧) ରୋଗୀଙ୍କୁ ତାଲିକାଭୁକ୍ତ ହୋଇଥିବା କୌଣସି ଚକିତ୍ସାଳୟରେ ଭର୍ତ୍ତି କରାଯାଇପାରିବ ।

୨) ଆଇ.ଡି. କାର୍ଡ ଦେଖାଇ ରୋଗି ଚିକିତ୍ସିତ ହୋଇପାରିବେ । ଇତ୍ୟବସରରେ ପରିବାରର ଲୋକ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡର ପ୍ରତିନିଧିଙ୍କୁ ଫୋନ କରାଇ ଫର୍ମ ଭରାଇ ଜମା କରିପାରିବା । ଏହି ବିବରଣୀ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡର ପ୍ରତିନିଧି ଅନୁମତି ପତ୍ର "ଫ୍ୟାକ୍ସ" ମାଧମରେ ଚିକିତ୍ସାଳୟକୁ ଜଣାଇ ଦେଇଥାଆନ୍ତି ।

୩) ରୋଗୀ ଚିକିତ୍ସା ସରିବାପରେ ବିଲ୍‌ରେ ଦସ୍ତଖତ ଦେଇ ଘରକୁ ଯାଇ ପାରନ୍ତି ବିନା କୌଣସି ପାଉଣା ଦେଇ ।

**ଗ) ପ୍ରାପ୍ୟ ଦାବି :**

ରୋଗୀ କୌଣସି ତାଲିକାଭୁକ୍ତ ଡାକ୍ତରକିମ୍ବା ଚିକିତ୍ସାଳୟରେ ଚିକିତ୍ସିତ ହୋଇପାରିବେ । ବୁଣାକାର ନିଜେ ସମସ୍ତ ପାଉଣା ଦେଇ ଚିକିତ୍ସିତ ହୋଇ ପାରିବେ, ଏବଂ ତାହାପରେ ସେହି ଖର୍ଚ୍ଚକୁ ଆଇ.ସି.ଆଇ କମ୍ପାନୀକୁ ବିଲ୍ ସହ ଜମା କରି ସମସ୍ତ ଖର୍ଚ୍ଚକୁ ଭରଣା କରିବାରିବେ । ଯଦି ତାଲିକାଭୁକ୍ତ ହୋଇନଥିବା ଡାକ୍ତର ବା ଚିକିତ୍ସାଳୟଙ୍କ ଦ୍ୱାରା ଚିକିତ୍ସିତ ହୋଇ ନଥାଆନ୍ତି ତେବେ ଏହି ଖର୍ଚ୍ଚ ସି.ଜି.ଏଚ.ଏସ୍ ନିୟମ ମୁତାବକ ହୋଇଥିବା ଦରକାର ବୁଣାକାର ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା "ପ୍ରେସ୍‌କ୍ରୁସନ୍" ଅନୁଯାୟୀ ଔଷଧ କିଣାଯାଇଥିବା ବିଲ୍ ଇତ୍ୟାଦି ଆଇ.ସି.ଆଇ.ସି.ଆଇ. ଲମ୍ବାର୍ଡର ପ୍ରତିନିଧିଙ୍କ ପାଖରେ ଜିମା କରିବାର ୧୫ ଦିନ ମଧରେ ସମସ୍ତ ପଇସା ଭରଣା କରାଯାଇଥାଏ ।

**ଘ) ସହାୟତା :**

୧. ଉପରୋକ୍ତ ବ୍ୟକ୍ତିମାନଙ୍କ ବ୍ୟତିତ ରାଜ୍ୟ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ଦେଶର ପ୍ରତିନିଧିଙ୍କୁ ମଧ ଯୋଗାଯୋଗ କରିପାରିବେ । ଏହି ପ୍ରତିନିଧିମାନଙ୍କର ଏକ ତାଲିକା ମଧ ଆଇ.ସି.ଆଇ.ସି.ଆଇ ଦ୍ୱାରା ଦିଆଯାଇଥାଏ । ଏହି ତାଲିକା ଆପଣମାନଙ୍କୁ ୱେବ୍‌ସାଇଟ୍ www.handlooms.nic.in ରେ ଉପଲବ୍ଧ ହୋଇ ପାରିବ ଏବଂ ଖବର କାଗଜରେ ମଧ ବାହାର କରାଯାଏ ।

୨) ଆଇ.ସି.ଆଇ.ସି.ଆଇ ଲୋମ୍ବାର୍ଡ ବାବଦରେ ସମସ୍ତ ବିବିରଣୀ ଲେଖା ମାଧମରେ ଦେବା ସହତ ସରକାରୀ ସଂସ୍ଥାମାନଙ୍କର ୱେବସାଇଟ୍‌ରେ ମଧ ଉପଲବ୍ଧ କରାଯାଇଛି । ଏହାର ଏକ କପି ମଧ www.handlooms.nic.in ୱେବସାଇଟ୍‌ରେ ମିଳି ପାରେିବ ।

## ୧୧. ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡର କାର୍ଯ୍ୟ:

୧. ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ଅଥବା ତାଙ୍କର ପ୍ରତିନିଧି ଏକ ମଧମ ଧରଣର ଚିକିତ୍ସାଳୟମାନଙ୍କ ସୂଚୀ ବନାଇବେ ଏବଂ ଏହାକୁ ବିଭିନ୍ନ ରାଜ୍ୟ ସରକାର କାର୍ଯ୍ୟାଳୟରେ ପହଞ୍ଚାଇବା ସହ ଡେଭ୍‌ଲୋପମେଣ୍ଟ କମିଶନର(ହସ୍ତତନ୍ତ)ଙ୍କ ପାଖରେ ଜମା କରାଇବେ । ଏହି ତାଲିକା ମଧ ପ୍ରତି ୩ ମାସରେ ଥରେ ଯାଞ୍ଚ କରି ଠିକ୍ କରାଇବେ ।

୨. ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ କିମ୍ବା ତାଙ୍କ ପ୍ରତିନିଧି ପ୍ରତିରାଜ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ଯୋଜନା ଅଧିନରେ ଚିକିତ୍ସାଳୟମାନଙ୍କର ତାଲିକା ତିଆରି କରାଇ ଅତିକମ୍‌ରେ ୨୫୦ ହସ୍ତତନ୍ତ ପଞ୍ଜିକୃତ ଅଞ୍ଚଳରେ ଉପଲବ୍ଧ କରାଇବେ । ରାଜ୍ୟ ସରକାରଙ୍କର ମତାମତ ନେଇ ଉପରୋକ୍ତ ତାଲିକାରେ ନାମ ମିଶାଇ

ପାରିବେ ବା ବାହାର କରିପାରିବେ । ଡେଭ୍‌ଲୋପ୍‌ମେଣ୍ଟ କମିଶନଙ୍କୁର ଏ ବାବଦରେ ଜଣାଇବା ନିତାନ୍ତ ଦରକାର ।

୩. ଏହି ଯୋଜନାର ସଫଳ ରୂପାୟନ ପାଇଁଆଇ.ସି.ଆଇ ଲମ୍ବାର୍ଡ ତରଫରୁ ସମସ୍ତ ଉଚିତ୍ ପଦକ୍ଷେପ ନେବା ଦରକାର । ଏହି ଯୋଜନାରେ ଅଧିକରୁ ଅଧିକ ହିତାଧିକାରୀ ଅନ୍ତର୍ଭୁକ୍ତ କରାଇବା ପାଇଁ ଆଇ.ସି.ଆଇ ଲମ୍ବାର୍ଡ ର ପଦାଧିକାରୀ ରାଜ୍ୟ ହସ୍ତତନ୍ତ ଅଧିକାରୀଙ୍କ ସହିତ, ବିଚାର ବିମର୍ଶ କରିବା ଦରକାର ।

୪. ଆଇ.ସି.ଆଇ ଲମ୍ବାର୍ଡ ତରଫରୁ ପ୍ରଚାର ଓ ପ୍ରସାର କରିବା ସହିତ ବୁଣାକାରମାନଙ୍କ ମଧ୍ୟରେ ଜାଗରଣ ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ କରାଇବା ଦରକାର ।

୫. ହିତାଧିକାରୀମାନଙ୍କର ଗୋଚରାର୍ଥେ ବିଭିନ୍ନ ଆଞ୍ଚଳିକ ଭାଷାରେ ଏହି ଯୋଜନା ବାବଦରେ ଛପାଇବା ଦରକାର ଏବଂ ଏହାକୁ ହ୍ୟାଣ୍ଡଲୁମ୍ ଡେଭ୍‌ଲୋପମେଣ୍ଟ କମିଶନରଙ୍କୁ ଜଣାଇବା ଦରକାର ।

୬. ଏହି ଯୋଜନା ଅଧିନରେ ଥିବା ସମସ୍ତ ପାଉଣାକୁ ଯଥାଶୀଘ୍ର ପାଇବା ପାଇଁ ଆଇ.ସି.ଆଇ.ସି.ଆଇ. ତରଫରୁ ଅତିକମ୍‌ରେ ଭାରତସାରା (୨୫୦ ହସ୍ତତନ୍ତ ପଞ୍ଜିକୃତ ଅଞ୍ଚଳରେ) ସେମାନେ ତାଙ୍କ କାର୍ଯ୍ୟାଳୟ ଖୋଲିବା ଦରକାର ।

୭. ପ୍ରତିମାସ ୨୦ ତାରିଖ ସୁଦ୍ଧା ଏକ ତାଲିକା ପ୍ରସ୍ତୁତ କରି ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ତରଫରୁ ହସ୍ତତନ୍ତ ଉନ୍ନୟନ କମିଶନରଙ୍କ ପାଖକୁ ମାସିକ ଅଗ୍ରଗତି ତାଲିକା ପଠାଇବେ ଯେଉଁଥିରେ କି କେତେ ବୁଣାକାର ବୀମାକୃତ ହେଲେ, କେତେ ରାଶି ବ୍ୟବହାର ହେଲା ଏବଂ କେତେ ହିତାଧିକାରୀଙ୍କୁ ଫାଇଦା ମିଳିଛି ଇତ୍ୟାଦି

୮. ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ପ୍ରତିମାସ ୧୮ ତାରିଖରେ ରାଜ୍ୟ ହସ୍ତତନ୍ତ ନିର୍ଦ୍ଦେଶାଳୟ ଏବଂ ହସ୍ତତନ୍ତ କମିଶନରଙ୍କ ପ୍ରତିନିଧିଙ୍କ ସହିତ ଆଲୋଚନା କରିବେ, ଯଦି ସେହି ୧୮ ତାରିଖ ଛୁଟି ଥାଏ, ତେବେ ପରବର୍ତ୍ତୀ କାର୍ଯ୍ୟକାରି ଦିନ ରଖିବା ଦରକାର । ଏହି ଆଲୋଚନାରେ କେତେ ହିତାଧିକାରି ଅନ୍ତର୍ଭୁକ୍ତ ହୋଇଛନ୍ତି, ଆଉ କଣ ଅନ୍ତର୍ଭୁକ୍ତ କରିହେବ, ଏବଂ ପ୍ରାପ୍ୟ ପରିଶୋଧର ସବିଶେଷ ତଥ୍ୟ ଆଦି ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ତରଫରୁ ଆଉ କଣ ତାଲିକା ଉଚିତ୍ ଇତ୍ୟାଦି ନିଆ ଯାଇଥାଏ ।

## ୧୨.ପର୍ଯ୍ୟବେକ୍ଷଣ ଏବଂ ମୂଲ୍ୟାୟନ :

୧୨.୧ଜିଲ୍ଲା ସ୍ତରୀୟ କମିଟି, ରାଜ୍ୟ ସରକାରଙ୍କ ହସ୍ତତନ୍ତ ବିଭାଗର ସହାୟକ ନିର୍ଦ୍ଦେଶକ ଏବଂ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ ପ୍ରତିନିଧି ପ୍ରତିମାସର ପ୍ରଥମ ସପ୍ତାହରେ ବସି ଆଲୋଚନା କରିବେ, ଯେଉଁଥିରେ କେତେ ବୁଣାକାର ଅନ୍ତର୍ଭୁକ୍ତ ହେଲେ, କେତେଜଣଙ୍କୁ ଫାଇଦା ହୋଇଛି ଇତ୍ୟାଦି ବିଷୟ ରହିବା ଦରକାର ।

୧୨.୨ହସ୍ତତନ୍ତ ଉନ୍ନୟନ କମିଶନରଙ୍କ କ୍ଷେତ୍ରିୟ କାର୍ଯ୍ୟଳୟ ରାଜ୍ୟ ହସ୍ତତନ୍ତ କାର୍ଯ୍ୟାଳୟ ଓ ଆଇ.ସି.ଆଇ.ସି.ଆଇ. ଲୋମ୍ବାର୍ଡ କାର୍ଯ୍ୟାଳୟର ପ୍ରତିନିଧିମାନେ ଏକାଠି ବସି ବିଭିନ୍ନ ସମୟରେ ଯୋଜନା ବାବଦରେ ଆଲୋଚନା ଓ ବିଚାର ବିମର୍ଶ କରିବେ ।

**ବି.କେ. ସିହ୍ନା**

ଡି.ସି.(ହସ୍ତତନ୍ତ)